## ସଂକ୍ଷେପରେ

### ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ରୂପ୍ସା, ୨୨।୮(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ବାହାବଲପୁର ସାମୁଦ୍ରିକ ଥାନା ଅଧୀନ ବାହାବଲପୁର ମାଛଧରା କେନ୍ଦ୍ରରୁ ଏକ ଟ୍ରଲରରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ଏନେଇ ସୋମବାର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩/୧୮) ରୁଜୁ କରି ପୋଲିସ ତଦନ୍ତ କରୁଛି। ମୃତ ମତ୍ସ୍ୟଜୀବୀ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ରାମନଗର ଥାନା ପୋଲଧୋଇ ଗ୍ରାମର ସମର ଜେନା (୪୯)। ଗତ ୧୦ତାରିଖରେ ସେ ଜଗତଜନନୀ ଟ୍ରଲରରେ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିଲେ। ତାଙ୍କୁ ଝାଡ଼ାବାନ୍ତି ହେବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ରବିବାର ତାଙ୍କୁ ନେଇ ଟ୍ରଲର ମାଛଧରା କେନ୍ଦ୍ରକୁ ଫେରୁଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଶିକ୍ଷକଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟ୍

**ସୋର,୨୨।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଉଲାସଖଡ଼ଗପୁର ରାସ୍ତାରେ ଜଣେ ଶିକ୍ଷକଙ୍କ ଠାରୁ ୩ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଉଲାସ ଖଡ଼ଗପୁର ଗ୍ରାମର ବଟକୃଷ୍ଣ ବାରିକ ସ୍ଥାନୀୟ ମୂଳିସିଂ ହାଇସ୍କୁଲର ଶିକ୍ଷକ ଅଟନ୍ତି। ସେ ବୁଧବାର ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କରୁ ୩ଲକ୍ଷଟଙ୍କା ଉଠାଇ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଏକ ପଲସର ବାଇକରେ ଦୁଇଜଣ ଯୁବକ ଆସି ଶିକ୍ଷକଙ୍କୁ ଅଟକାଇ ବ୍ୟାଗରେ ଥିବା ଟଙ୍କାକୁ ନେଇ ପଳାଇଯାଇଥିଲେ।

### ନାଳ ପାଣିରେ ଭାସି ଯାଇ ବୃଦ୍ଧ ମୃତ

**ବାଲିଆପାଳ,୨୨।୮(ଡି.ଏନ.ଏ.):** ବିଲରୁ କାମ ସାରି ଘରକୁ ଫେରୁଥିବାବେଳେ ଗାଁ ମୁଣ୍ଡ ନାଳ ପାଣି ସୁଅରେ ଭାସିଯାଇ ଜଣେ ବୃଦ୍ଧ ପ୍ରାଣ ହରାଇଛନ୍ତି। ମୃତ ଚାଷୀ ହେଲେ ବାଲିଆପାଳ ବ୍ଲକ ବଡ଼ାସ ପଞ୍ଚାୟତ କାଠଶଗଡ଼ା ଗ୍ରାମର ବୈକୁଣ୍ଠ ଦେ। ମଙ୍ଗଳବାର ସେ ବିଲକୁ ଧାନ ରୋଇବା ପାଇଁ ଯାଇ କାମ ସାରି ଘରକୁ ଫେରୁଥିବା ବେଳେ ନାଳ ପାର ହେଉଥିଲେ। ହଠାତ୍ ନାଳରେ ଅଧିକ ପାଣି ଆସିଯିବାରୁ ସେ ଭାସିଯାଇଥିଲେ। ବିଲରେ କାମ କରୁଥିବା ଲୋକମାନେ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ କିଛି ଦୂରରେ ତାଙ୍କର ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଲୋକେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ କରାଯିବା ପରେ ପୋଲିସ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି।

### ସାପ କାମୁଡ଼ାରେ ୨ ମୃତ

**ନୀଳଗିରି/ବସ୍ତା,୨୨।୮ (ଡି.ଏନ.ଏ.):** ବାଲେଶ୍ୱର ଜିଲାର ନୀଳଗିରି ଓ ବସ୍ତା ଅଞ୍ଚଳରେ ସାପ କାମୁଡ଼ାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ନୀଳଗିରି ବ୍ଲକ ବରହମପୁର ଥାନା ଅଁଳାପାଳ ଗାଁର ଚାଷୀ ଗିରୀଶ ମଢେଇ (୬୦) ମଙ୍ଗଳବାର ଘର ନିକଟ ଚାଷ ଜମିକୁ କାମ କରିବାକୁ ଯାଇଥିବା ବେଳେ ତାଙ୍କୁ କୌଣସି ବିଷାକ୍ତ ସାପ କାମୁଡି ଥିଲା। ତାଙ୍କୁ ଉପଖଣ୍ଡ ଡାକ୍ତରଖାନା ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୮/୧୮ ) ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଗୋପାଳ ସିଂ କହିଛନ୍ତି। ସେହିପରି ବସ୍ତା ବ୍ଲକ ଅନ୍ତର୍ଗତ ଶାସନ ଗାଁର ଗୌରାଙ୍ଗ ସାହୁଙ୍କ ସ୍ତ୍ରୀ କମଳିନୀ (୪୦) ସର୍ପାଘାତରେ ବୁଧବାର ପ୍ରାଣ ହରାଇଛନ୍ତି। ଘରେ କାର୍ଯ୍ୟରତ ବେଳେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ଡାକ୍ତରଖାନା ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ମହିଳାଙ୍କୁ ଋଣ ସହାୟତା ନାଁରେ ଠକେଇ

**ସଜନାଗଡ଼,୨୨।୮(ଡି.ଏନ.ଏ.)**



ଅଭିଯୋଗ ନେଇ ଆସିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ।

- ସ୍ୱୟଂ ସହାୟକ ଗୋଷ୍ଠୀ ନିକଟରୁ ଶହେ ଟଙ୍କା ଲେଖାଏ ଆଦାୟ
- ୪ ବର୍ଷ ଧରି ଅବାଧରେ ଚାଲିଛି କାରବାର
- ପୋଲିସ, ପ୍ରଶାସନର ନିଘା ନାହିଁ

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଞ୍ଚଳରେ ଏକ ଅର୍ଥଲଗାଣକାରୀ ସଂସ୍ଥା ରୋଜଗାର ସୁବିଧା ସୃଷ୍ଟି ଲାଗି ମହିଳାଙ୍କୁ ଋଣ ଦେବାର ପ୍ରଲୋଭନ ଦେଖାଇ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କଠାରୁ ମାସିକ ୧୦୦ ଟଙ୍କା ଲେଖାଏଁ ଆଦାୟ କରି ଠକିଥିବା ଘଟଣା ପଦାକୁ ଆସିଛି। ଏହି ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଥିବା ଜାଣିବାପରେ ମହିଳାମାନେ ଏକଜୁଟ ହୋଇ ବୁଧବାର ଗଣମାଧ୍ୟମ ନିକଟରେ ଅଭିଯୋଗ ରଖିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ନୀଳଗିରି ବ୍ଲକ ଅନ୍ତର୍ଗତ ତଳସଡ଼କ ଅଞ୍ଚଳର ଏକ ଭଡ଼ାଘରେ ଉକ୍ତ ସଂସ୍ଥାର କାର୍ଯ୍ୟାଳୟ ରହିଛି। କୌଣସି ସାଇନବୋର୍ଡ ମରାଯାଇ ନାହିଁ। ସଂସ୍ଥାର କର୍ମଚାରୀମାନେ ବ୍ଲକ ଅଧୀନ ୨୫ ପଞ୍ଚାୟତକୁ ଯାଇ ଦୁଇଶହରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ପ୍ରତି ଗୋଷ୍ଠୀ ନିକଟରୁ ୧୦୦ ଟଙ୍କା ଲେଖାଏଁ ଆଦାୟ କରିଥିଲେ। ପ୍ରତିବଦଳରେ ପାଠପଢ଼ା ପାଇଁ ସହାୟତା, ବଡ଼ି ତିଆରି କରିବା, ସିଲାଇ ମେସିନ୍ ଦେବା, ଗୋରୁଙ୍କୁ ପ୍ରତିଷେଧକ ଏବଂ ମହିଳାମାନଙ୍କୁ ରୋଜଗାରକ୍ଷମ କରାଇବା ଲାଗି ଉକ୍ତ ସଂସ୍ଥା ପକ୍ଷରୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଥିଲା। ଗତ ୪ ବର୍ଷ ମଧ୍ୟରେ ସଂସ୍ଥା ଲକ୍ଷାଧିକ ଟଙ୍କା ସଂଗ୍ରହ କରିଥିବା କୁହାଯାଉଛି। କିନ୍ତୁ ସ୍ୱୟଂ ସହାୟିକା ଗୋଷ୍ଠୀ କୌଣସି ସହାୟତା ନ ପାଇବାରୁ ନିରାଶ ହୋଇ ସେମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି କରିଥିବା କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବ୍ରାଞ୍ଚରେ କାମ କରୁଥିବା ଜଣେ କର୍ମଚାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ସମସ୍ତଙ୍କୁ ସହାୟତା ଦେଇପାରି ନାହୁଁ। କେତେକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ସହାୟତା ଦିଆଯାଇଛି। ମହିଳା ଗୋଷ୍ଠୀଠାରୁ ଆଦାୟ ହୋଇଥିବା ଟଙ୍କା ସେମାନଙ୍କ ଉନ୍ନତି ଲାଗି ବିନିଯୋଗ ହୋଇଛି। କିନ୍ତୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଏହାର ଅନେକ ଗୁମର ପଦାକୁ ଆସିବ ବୋଲି ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କହିଛନ୍ତି। ଅନ୍ୟପକ୍ଷେ ପୋଲିସ ଓ ପ୍ରଶାସନ ଅଗୋଚରରେ ଏଭଳି ସଂସ୍ଥା କିପରି ୪ ବର୍ଷ ଧରି ଚାଲିଥିଲା ବୋଲି ସେମାନେ ମଧ୍ୟ ପ୍ରଶ୍ନ କରିଛନ୍ତି।

# ନବବଧୂଙ୍କୁ ହତ୍ୟା ଅଭିଯୋଗ

**ବାହାନଗା,୨୨।୮(ଡି.ଏନ.ଏ.)**

**ସ୍ୱାମୀ, ଶାଶୁ, ଶ୍ୱଶୁର ଅଟକ**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ମଳଙ୍ଗ ଗ୍ରାମର ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ମୃତା ମହିଳାଙ୍କ ଶାଶୁ, ଶ୍ୱଶୁର ଓ ତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ତେବେ ଶାଶୁଘର ଲୋକେ ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ଦର୍ଶାଇଛନ୍ତି। ପୋଲିସ ଏହି ସୂଚନା ଦେଇ କହିଛି ଯେ, ମଳଙ୍ଗ ଗ୍ରାମର ମୃତ୍ୟୁଞ୍ଜୟ ପାଢୀ ନାମକ ଜଣେ ଯୁବକ ୩ ମାସ ତଳେ ନିକଟସ୍ଥ ପାଇକାସ୍ତା ଗ୍ରାମର ବଳରାମ ମିଶ୍ରଙ୍କ ଝିଅ ଗୀତାଞ୍ଜଳି (୨୩)ଙ୍କୁ ବିବାହ କରିଥିଲେ। ବୁଧବାର ସକାଳେ ମୃତ୍ୟୁଞ୍ଜୟ କୌଣସି କାରଣରୁ ଗୀତାଞ୍ଜଳିଙ୍କ ସହିତ କଳି କରି ବିଲକୁ କାମ କରିବାକୁ ପଳାଇ ଯାଇଥିଲେ। ପୂର୍ବାହ୍ନ ୧୧ ଟା ବେଳକୁ ମୃତ୍ୟୁଞ୍ଜୟଙ୍କ ବାପା ଘରକୁ ଫେରି ତାଙ୍କ ବୋହୂ ଶୋଇବା ଘର ଭିତରେ ବେକରେ ରଶି ଲଗାଇ ଦେଇଥିବା ଦେଖି ନିଜ ପୁଅଙ୍କୁ ଜଣାଇଥିଲେ। ପରେ ଗୀତାଞ୍ଜଳିଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ମୃତା ନବବଧୂଙ୍କ ବାପଘର ଲୋକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ଗୀତାଞ୍ଜଳିଙ୍କ ବାପା ବାବୁ ପାଢୀ ପୋଲିସରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବିବାହ ପରେ ତାଙ୍କୁ ଝିଅଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଥିଲା। ଶେଷରେ ଶାଶୁଘର ଲୋକେ ରଶିରେ ତାଙ୍କ ବେକକୁ ବାନ୍ଧି ହତ୍ୟା କରି ଏହାକୁ ଆତ୍ମହତ୍ୟା ରୂପ ଦେଉଥିବା ସେ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତରୁ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

# ପେଯରେ ପଡ଼ି ଶିଶୁ ଗୁରୁତର

**ସିମୁଳିଆ,୨୨।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଅଡ଼ା-ନରସିଂହପୁର ଅଞ୍ଚଳର ରମେଶ ଖଟୁଆଳଙ୍କ ୩ ବର୍ଷର ପୁଅ ଦେବାଶିଷ ବୁଧବାର ଅପରାହ୍ନରେ ଗରମ ପେଜରେ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଅସାବଧାନତା ବଶତଃ ଏହି ଦୁର୍ଘଟଣା ଘଟିଛି। ଅଡ଼ା ଦମକଳ ବାହିନୀ ଆହତ ଦେବାଶିଷଙ୍କୁ ଆଣି ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

# ପାଣିରୁ ମୃତ ଶିଶୁ ଉଦ୍ଧାର

**ବସ୍ତା, ୨୨।୮ (ସ୍ୱ.ପ୍ର):** ବାଲେଶ୍ୱର ଜିଲାର ୬୦ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ବରୁଣଗଡ଼ିଆ ନିକଟ ପୋଲ ତଳ ପାଣିରୁ ଗୋଟିଏ ୬ମାସର ଶିଶୁପୁତ୍ରର ମୃତଦେହକୁ ଉଦ୍ଧାର କରାଯାଇଛି। ପିଲାଟି କାହାର ବୋଲି ଜଣାପଡ଼ି ନ ଥିବା ବେଳେ ଖବର ଲେଖା ପର୍ଯ୍ୟନ୍ତ ଏହାର କେହି ଦାବିଦାର ନାହାନ୍ତି। ପ୍ରାୟ ଦୁଇଦିନ ତଳେ ପିଲାଟି ମରିଥିବା ଅନୁମାନ କରାଯାଉଛି। ମୃତଦେହ ପାଣିରେ ଭାସୁଥିବା ଖବରପାଇ ଦମକଳ କେନ୍ଦ୍ର କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ ବସ୍ତା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



ଦରଘା ମଇଦାନରେ ସାମୂହିକ ନମାଜ ପାଠ।

# ଦରଘା ମଇଦାନରେ ସମୂହ ନମାଜ ପାଠ

**ବାଲେଶ୍ୱର ଅଫିସ,୨୨।୮**

ବାଲେଶ୍ୱର ସହରର ଇସଲାମଧର୍ମାବଲମ୍ବୀମାନେ ବୁଧବାର ଇଦ୍-ଉଦ୍-ଜୁହା ପର୍ବକୁ ଧର୍ମୀୟ ଭାବନା ସହ ପାଳନ କରିଛନ୍ତି। ଏହି ଅବସରରେ ଦରଘା ମଇଦାନରେ ଇଦ୍ ମିଳନ କମିଟି ଆନୁକୂଲ୍ୟରେ ସାମୁହିକ ନମାଜ ପାଠ କରାଯାଇଥିଲା। ପବିତ୍ର କୋରାନର ନିୟମ ମୁତାବକ ବିଭିନ୍ନ ମସଜିଦ୍‌ରେ ନମାଜ ପାଠ ମଧ୍ୟ କରାଯାଇଛି। ୨ ରାକାତ୍ ୱାଜିବ ନମାଜ ପରେ କୁର୍ବାନୀ କରାଯାଇଛି। ସେହିପରି ସାଉଦିଆରବର ମକ୍କା ଓ ମଦିନାକୁ ହଜ୍ କରିବା ପାଇଁ ଯାଇଥିବା ହାଜିମାନେ ମଧ୍ୟ ୨ ରାକାତ୍ ନମାଜ ପରେ କୁର୍ବାନୀ ଦେଇଛନ୍ତି।

ନମାଜ ପାଠ ପରେ ଭେଦଭାବ ଭୁଲି ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ପବିତ୍ର ଇଦ୍-ଉଲ୍-ଜୁହା ଅବସରରେ ଘରେ ସୁସ୍ୱାଦୁ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ହୋଇଛି। କୋରାନ ମୁତାବକ ଆଲ୍ଲା ଇବ୍ରାହିମ୍ ଇସଲାମଙ୍କୁ ନିଜର ସବୁଠୁ ପ୍ରିୟ ଦ୍ରବ୍ୟ କୁର୍ବାନୀ ଦେବା ପାଇଁ ନିର୍ଦ୍ଦେଶ ଦେବା ପରେ ସେ ତାଙ୍କ ପୁଅ ଇସମାଇଲ ଇସଲାମଙ୍କୁ କୁର୍ବାନୀ ଦେବାକୁ ଉଦ୍ୟମ କରିବାରୁ ଆଲ୍ଲା ଫରିସ୍ତାମାନଙ୍କୁ ପଠାଇ ପୁଅ ଇସମାଇଲଙ୍କ ସ୍ଥାନରେ ଏକ ଦୁମ୍ବାକୁ ରଖିଥିଲେ। ଏହି ଦିନକୁ ସ୍ମରଣ କରିବା ପାଇଁ ସେବେ ଠାରୁ ଇଦ୍-ଉଲ୍-ଜୁହା ପର୍ବ ସାରା ବିଶ୍ୱରେ ପାଳନ କରାଯାଉଛି। ନମାଜ କମିଟି ପକ୍ଷରୁ ଆଇନଜୀବୀ ଅବଦୁଲ ରଫିକ୍, ମହମ୍ମଦ ଗୋଲାମ ଖାଁ, ସେଖ ରେହାନ କାଦ୍ରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪ ଚୋରା ମଦ ବେପାରୀଗିରଫ

**ରୂପ୍ସା/ବସ୍ତା,୨୨।୮ (ଡି.ଏନ.ଏ.)**

ଅବକାରୀ ବିଭାଗ ପକ୍ଷରୁ ବୁଧବାର ଅଚାନକ ଚଢ଼ାଉ କରାଯାଇ ୪ ଜଣ ଚୋରା ମଦ ବେପାରିଙ୍କୁ ଗିରଫ କରାଯାଇଛି। ବସ୍ତା ଅବକାରୀ ଏସ୍‌ଆଇ ଅର୍ଜ୍ଜୁନ ମଲିକ, ସଦର ଏଏସ୍‌ଆଇ ବ୍ରଜମୋହନ ମଲିକଙ୍କ ନେତୃତ୍ୱରେ ଏକ ଟିମ୍ ରୂପ୍ସା ଥାନା କସିପଦା ଗାଁର ଅଭିଯୁକ୍ତ ଗଦାଧର ବଢ଼େଇଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୩୨ ବୋତଲ ବିଦେଶୀ ମଦ, ୪୯ଟି ଖାଲି ମଦ ବୋତଲ, ସ୍ପିରିଟ ଜାରକିନ୍ ଓ ପ୍ଲାଷ୍ଟିକ ବୋତଲ ଜବତ ହୋଇଛି। ନକଲି ମଦ ତିଆରି ହେଉଥିବା ସନ୍ଦେହରେ ଜବତ ମଦକୁ ପରୀକ୍ଷା ପାଇଁ ରାସାୟନିକ ପରୀକ୍ଷାଗାରକୁ ପଠାଯାଇଛି। ସେହିପରି ବସ୍ତା ଥାନା ଅଞ୍ଚଳରେ ଚଢ଼ାଉ କରି ହୁସେନପୁର ଗ୍ରାମର ବାଘରାଇ ହାଁସଦା ଓ ମୁଗି ହାଁସଦା, ବାରମାଡ଼ିଆ ଗ୍ରାମର ରବୀନ୍ଦ୍ର ସିଂଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪୨ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ମଦ ଦୋକାନ ଭାଙ୍ଗିଲେ ମହିଳା

**ବସ୍ତା, ୨୨।୮ (ସ୍ୱ.ପ୍ର.)**

ବସ୍ତା ଅଞ୍ଚଳରେ ଚୋରାମଦ ବିରୋଧୀ ଆନ୍ଦୋଳନ ତେଜିଛି। ବ୍ଲକର ଦରଡ଼ାଠାରେ ଥିବା ଦୁଇ ମଦ ଦୋକାନରେ ରବିବାର ଆନ୍ଦୋଳନକାରୀ ମହିଳା ଚଢ଼ାଉ କରି ଭଙ୍ଗାରୁଜା କରିଛନ୍ତି। ମା'ଘର ସଭାନେତ୍ରୀ ଆଡଭୋକେଟ ଜ୍ୟୋତ୍ସ୍ନା ମହାନ୍ତିଙ୍କ ନେତୃତ୍ୱରେ ସଂଖ୍ୟାଧିକ ମହିଳା ଦୋକାନ ଦୁଇଟିରୁ ବିପୁଳ ଦେଶୀ ଓ ବିଦେଶୀ ମଦ ନଷ୍ଟ କରି ଦେଇଥିଲେ। ଦରଡ଼ା ଓ ଆଖପାଖ ଅଞ୍ଚଳରେ ଏଭଳି ଚୋରା ମଦ କାରବାର ଯୋଗୁ ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହେଉ ଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଅବକାରୀ ଓ ପୋଲିସ ବିଭାଗ ଆଖିବୁଜିଆ ପଦକ୍ଷେପ ନେଉ ନ ଥିବାରୁ ଚୋରାମଦ ବ୍ୟବସାୟ ବୃଦ୍ଧି ପାଉଥିବା ଆନ୍ଦୋଳନକାରୀ ମହିଳାମାନେ ଅଭିଯୋଗ କରିଛନ୍ତି।

# ପ୍ରତି ଗାଁରେ ବୈଠକ, ସମାବେଶକୁ ଗୁରୁତ୍ୱ




କାର୍ଯ୍ୟକାରିଣୀ ବୈଠକରେ ନେତା ଓ କର୍ମୀ।

**ଭୋଗରାଇ,୨୨।୮(ଡି.ଏନ.ଏ.)**

ଦଳକୁ ମଜଭୁତ ଓ କ୍ରିୟାଶୀଳ କରିବା ଲାଗି ପ୍ରତି ଗାଁରେ ବୈଠକ, ସମାବେଶ ସକାଶେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନ ମଣ୍ଡଳୀରେ ବିଜେଡି କାର୍ଯ୍ୟକାରିଣୀ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସଙ୍କ ଦେହୁର୍ଦ୍ଧାସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ ଭୋଗରାଇ ଶାଖା ସଭାପତି ରମାକାନ୍ତ କରଣ ପୌରୋହିତ୍ୟ କରିଥିଲେ। ମନ୍ତ୍ରୀଙ୍କ ସମେତ ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ, ଏମ୍‌ପି ରବୀନ୍ଦ୍ର ଜେନା, ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ଉପାଧ୍ୟକ୍ଷ ଦୀପକ କୁମାର ଦାସ, ପୂର୍ବତନ ଜିଲା ପରିଷଦ ସଦସ୍ୟ ହେମନ୍ତ ବେହେରା, ମୟୂରଭଞ୍ଜ ସେବା ସମବାୟ ସମିତି ସଭାପତି ରାଜକିଶୋର ଆଚାର୍ଯ୍ୟ ସାମିଲ ହୋଇ ଆଗାମୀ ନିର୍ବାଚନ ଲାଗି ରଣକୌଶଳ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଜାରି ରହିଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପ୍ରଚାର କରିବା ସକାଶେ କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ୬ ଜିଲାପରିଷଦ ସଦସ୍ୟା ସଦସ୍ୟ, ୫୦ ପଞ୍ଚାୟତର ପ୍ରତିନିଧି ଓ ବରିଷ୍ଠ ନେତୃମଣ୍ଡଳୀମାନେ ଯୋଗଦେଇଥିଲେ। ଏହି ଅବସରରେ ଶତାଧିକ କଂଗ୍ରେସ କର୍ମୀ ଓ ନେତା ବିଜେଡିରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଓଡ଼ିଶା ସୀମାନ୍ତରେ ଥିବା ଭୋଗରାଇ ନିର୍ବାଚନମଣ୍ଡଳୀରେ ଏଭଳି ବୈଠକ ଆୟୋଜନ କରି ବିଜେଡି ପ୍ରଥମ ନିର୍ବାଚନୀ ବିଗୁଲ ବଜାଇଛି ବୋଲି ଚର୍ଚ୍ଚା ହେଉଛି।

# ଜିଲା ସ୍କୁଲ ଜମି ହଡ଼ପ ଉଦ୍ୟମକୁ ବିରୋଧ

**ବାଲେଶ୍ୱର ଅଫିସ,୨୨।୮:** ବାଲେଶ୍ୱର ଜିଲାର ଐତିହ୍ୟ ସମ୍ପନ୍ନ ଜିଲା ସ୍କୁଲ ନାମରେ ଥିବା ୧୨ଏକର ୬୧ଡିସିମିଲି ଜମି ମଧ୍ୟରୁ ବର୍ତ୍ତମାନର ପ୍ରଶାସନ ୭ଏକର ୭୧ଡିସିମିଲି ଜମିକୁ ଅଲଗା ପ୍ଲଟ ଦର୍ଶାଇ ସେଠାରେ ଇନ୍‌ଡ଼ୋର ଷ୍ଟାଡ଼ିୟମ୍, ପ୍ରେକ୍ଷାଳୟ ନିର୍ମାଣ କରିବା ଲାଗି ଉଦ୍ୟମ ଆରମ୍ଭ କରିଛି। ବିଦ୍ୟାଳୟ ପରିଚାଳନା କମିଟି ସମେତ ଜିଲାର ବିଭିନ୍ନ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ ସଂଗଠନ, ବ୍ୟକ୍ତିବିଶେଷ, ଜିଲା ସ୍କୁଲ ପୁରାତନ ଛାତ୍ର ସଂସଦ, ମହିଳା ସଂଗଠନ ତରଫରୁ ଏହାକୁ ବିରୋଧ କରାଯାଇଛି। ବୁଧବାର ଅପରାହ୍ନ ୫ ଟା ସମୟରେ ସ୍ଥାନୀୟ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଅଭିଭାବକ ଓ ଶିକ୍ଷକ( ପିଟିଏ) କମିଟିର ସଭାପତି ରଞ୍ଜନ ବାଗ୍ ପ୍ରଷସେନର ଉଦ୍ୟମକୁ ବିରୋଧ କରି ଆଗାମୀ ଦିନରେ ଏ ନେଇ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷ ଅନୁରାଧା ବେହେରା, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଲକ୍ଷ୍ମୀଧର ବେହେରା, ବାଲେଶ୍ୱର ଜିଲା ସ୍କୁଲ ପୂର୍ବତନ ବିଦ୍ୟାର୍ଥୀ ପରିଷଦ ସଭାପତି ସୁରେନ୍ଦ୍ର ନାଥ ସାହୁ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ଚକ୍ରଧର ପାତ୍ର, ବରିଷ୍ଠ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ସିଭିଲ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କେରଳ ଗଲେ ୨୦ ସାମାଜିକ କର୍ମୀ



କେରଳ ଯାଇଥିବା ବାଲିଆପାଳ ଟିମ୍।

**ବାଲିଆପାଳ,୨୨।୮(ଡି.ଏନ.ଏ.)**

କେରଳରେ କାମ କରିବାକୁ ଯାଇଥିବା ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ଲୋକ ପ୍ରଳୟଙ୍କରୀ ବନ୍ୟା ପାଣିଘେରରେ ଫଶି ରହିଥିଲେ। ସେମାନେ ଏବେ ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। କେରଳରେ ଜଳବନ୍ଦୀ ହୋଇ ରହିଥିବା ଓଡ଼ିଆଙ୍କ ସମେତ ବନ୍ୟା ପ୍ରପୀଡ଼ିତଙ୍କ ନିକଟରେ ସାହଯ୍ୟ ପହଞ୍ଚାଇବା ଲାଗି ମଙ୍ଗଳବାର ବାଲିଆପାଳରୁ ଏକ ୨୦ଜଣିଆ ଟିମ୍ ଟ୍ରେନ ଯୋଗେ ଯାତ୍ରା କରିଛନ୍ତି। ବାଲିଆପାଳ ୨୧ନଂ. ଜୋନର ଜିଲା ପରିଷଦ ସଦସ୍ୟ ତଥା ବିଶିଷ୍ଟ ବ୍ୟବସାୟୀ ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ଆର୍ଥିକ ସହାୟତା କ୍ରମେ ଏହି ଯୁବ ସାମାଜିକ କର୍ମୀମାନେ ରିଲିଫ ସାମଗ୍ରୀ ନେଇ ସେଠାକୁ ଯାଇଥିବା ଜଣାଯାଇଛି। କେରଳ ଅଭିମୁଖେ ଯାତ୍ରା ବେଳେ ଏହି ଟିମ୍‌କୁ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ।

# ନ୍ୟାୟ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ୧୫୦ ପରିବାର

**ବାଲେଶ୍ୱର ଅଫିସ,୨୨।୮**



ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କ୍ଷତିଗ୍ରସ୍ତ ଚାଷୀ।

- ଲୁଣ ଉତ୍ପାଦନ ବନ୍ଦ ପରେ ଚାଷ ଥିଲା ଭରସା
- ଟ୍ରାକ୍ଟର ମଡ଼ାଇ ଧାନଜମି ଉଜାଡ଼ି ଦିଆଗଲା
- ଗାଁରେ ଚାପା ଉତ୍ତେଜନା, ଜମି ପୁନଃଦଖଲ ଚେତାବନୀ

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳରେ ଲୁଣ ଉତ୍ପାଦନ ୧୯୯୭ ମସିହାରୁ ବନ୍ଦ ହେବା ପରଠାରୁ ଏହି ବ୍ଲକ ଅଧୀନ ବଳଙ୍ଗ ପଞ୍ଚାୟତ ଅଞ୍ଚଳର ଚାଷୀ ଲୁଣ ମରାଯାଉଥିବା ଜମିରେ ଏବେ ଧାନ ଚାଷ କରି ଚଳୁଥିଲେ। ବଳଙ୍ଗ ଲବଣ ସେବା ସମବାୟ ସମିତି ଚାଷୀଙ୍କଠାରୁ ଏ ବାବଦକୁ ବାର୍ଷିକ ୨ରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରି ଆସୁଥିଲା। ସମିତିରେ ଅନିୟମିତତା ଏବଂ ଅର୍ଥ ହେରଫେର ଘଟଣା ସମ୍ପର୍କରେ ଚାଷୀମାନେ ଅଭିଯୋଗ କରି ସୁଫଳ ନ ପାଇବାରୁ ଏହାର ପ୍ରତିବାଦ ଜଣାଇ ସେମାନେ ଦୁଇବର୍ଷ ଧରି ଅର୍ଥ ପୈଠ କରି ନ ଥିଲେ। ଏହି ପରିପ୍ରେକ୍ଷୀରେ ଗତ ୧୬ ତାରିଖରେ ସମିତି ତରଫରୁ ଚାଷଜମିରେ ଟ୍ରାକ୍ଟର ଚଳାଇ ଧାନ ତଳି ସମେତ ରୁଆ ଧାନଗଛକୁ ନଷ୍ଟ କରି ଦିଆଯାଇଥିବା ଚାଷୀମାନେ ଅଭିଯୋଗ କରି ନ୍ୟାୟ ପାଇବାକୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ସେମାନେ ପୁନର୍ବାର ଚାଷଜମିକୁ ଦଖଲକୁ ନେବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଲକ୍ଷ୍ମଣ ବେହେରା, ବଳରାମ ମଲିକ, କୁଶଧ୍ୱଜ ମଲ୍ଲିକ, ଶକୁନ୍ତଳା ମଲ୍ଲିକ, ପୂର୍ଣ୍ଣିମା ମଲ୍ଲିକ, ବାସନ୍ତୀ ବେହେରା ପ୍ରମୁଖ ଚାଷ ଜମିରେ ଟ୍ରାକ୍ଟର ଚଳାଇ ଫସଲ ନଷ୍ଟ କରାଯିବା ଘଟଣାକୁ ନିନ୍ଦା କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ପୂର୍ବରୁ ଲୁଣ ଉତ୍ପାଦନ କରି ଅଞ୍ଚଳର ଅନେକ ଦଳିତ, ଗରିବ ପରିବାର ପେଟ ପୋଷୁଥିଲେ। ଲୁଣ ଉତ୍ପାଦନ ଲାଗି ସେମାନଙ୍କୁ ପୂର୍ବପୁରୁଷରୁ ଜମି ଯୋଗାଇ ଦିଆଯାଇଥିଲା। ଲୁଣ ଉତ୍ପାଦନ ବନ୍ଦ ହେବା ପରଠାରୁ ସେମାନେ ଏହି ଜମିରେ ଚାଷକାର୍ଯ୍ୟ କରି ଆସୁଛନ୍ତି। ସମିତି କର୍ତ୍ତୃପକ୍ଷ ଜମି ବାବଦକୁ ଚାଷୀଙ୍କଠାରୁ ଆଦାୟ କରୁଥିବା ଟଙ୍କାର ହିସାବ ନ ଦେବା ଘଟଣା ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା। ଚାଷୀମାନେ ତଦନ୍ତ ଦାବି କରି ଆସୁଥିବା ବେଳେ ଟ୍ରାକ୍ଟର ଚଳାଇ ସେମାନଙ୍କ ଜମିରେ ଧାନ ତଳି ଓ ରୁଆ ଧାନଗଛକୁ ନଷ୍ଟ କରି ଦିଆଯିବା ସାଙ୍ଗକୁ ପୋଲିସ ଲଗାଇ ମାରପିଟ୍ କରାଯାଇଛି। ସେହିପରି ଏହି ଗଣ୍ଡଗୋଳ ଘଟଣାରେ ଲୋକଙ୍କୁ ମାଲି ମକଦ୍ଦମାରେ ଛନ୍ଦି ଦିଆଯାଇଛି। ୧୫୦ରୁ ଅଧିକ ଦଳିତ ପରିବାରର ଏଥିଲାଗି ଜୀବିକା ହରାଇ ବସିଛନ୍ତି। ଏଭଳି ସ୍ଥିତିରେ ନିରୁପାୟ ହୋଇ ସେମାନେ ନ୍ୟାୟ ପାଇବାକୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

## ସଂକ୍ଷେପରେ

### ପୁଅର ଠେଙ୍ଗା ମାଡ଼ରେ ବାପା ମୃତ

କେନ୍ଦୁଝର, ୨୨।୮(ସ୍ୱ.ପ୍ର): ବାପାପୁଅଙ୍କ ପବିତ୍ର ସମ୍ପର୍କରେ ଲାଗିଛି ରକ୍ତର ଛିଟା। ପାରିବାରିକ କଳହରୁ ଠେଙ୍ଗାରେ ପିଟି ବାପାଙ୍କୁ ହତ୍ୟା କରିଛି ପୁଅ। ଏପରି ଘଟଣା କେନ୍ଦୁଝର ଜିଲା ପଣ୍ଡାପଡା ଥାନା ଗୋହିଟାଙ୍ଗିରୀ ଗ୍ରାମରେ ଚାଞ୍ଚଲ୍ୟ ଖେଳି ଯାଇଛି। ମୃତ ବାପଙ୍କ ନାମ ରବି ନାୟକ (୫୦)। ପୋଲିସ ଉକ୍ତ ଘଟଣାରେ ପୁଅ ରସାନନ୍ଦ ନାୟକଙ୍କ ସହ ଅନ୍ୟ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ମଙ୍ଗଳବାର ରସାନନ୍ଦ ଛେଳି ଚରାଇବାକୁ ପାଖ ଜଙ୍ଗଲକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରି କୌଣସି କାରଣରୁ ବାପାଙ୍କ ସହ ରସାନନ୍ଦ ଝଗଡ଼ା କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ରସାନନ୍ଦ ଓ ତାଙ୍କର ଜଣେ ସହଯୋଗୀ ମିଶି ରବିଙ୍କୁ ଠେଙ୍ଗାରେ ମାଡ ମାରି ରକ୍ତାକ୍ତ ଅବସ୍ଥାରେ ଛାଡି ପଳାଇଥିଲେ। ଘଟଣାସ୍ଥଳରେ ହିଁ ରବିଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଖବର ପାଇ ବୁଧବାର ପୋଲିସ ଉକ୍ତ ଗ୍ରାମକୁ ଯାଇ ମୃତଦେହ ଜବତ କରିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପଠାଯାଇଥିଲା। ଘରୋଇ କଳହରୁ ହତ୍ୟାକାଣ୍ଡ ସନ୍ଦେହ କରାଯାଉଥିବାରୁ ୨ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଥିବା ଥାନା ପୋଲିସ ଅଧିକାରୀ ହସିନି କୁଲୁ ସୂଚନା ଦେଇଛନ୍ତି।

### ସାପ ନେଲା ମହିଳାଙ୍କ ଜୀବନ

କେନ୍ଦୁଝର, ୨୨।୮(ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ସାପ କାମୁଡ଼ାରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ବାଂଶପାଳ ବ୍ଲକ ଉପରସାହିରେ ସାପ କାମୁଡି ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସବିତା ଦେହୁରି (୨୬)। ମଙ୍ଗଳବାର ରାତିରେ ଶୋଇଥିବା ଅବସ୍ଥାରେ ତାଙ୍କ ହାତକୁ ଏକ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ତୁରନ୍ତ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ସକାଳ ୭ଟାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ତାଙ୍କ ସ୍ୱାମୀ ପବିତ୍ର ଦେହୁରି କହିଛନ୍ତି। ବିଦ୍ୟୁତ୍ ନ ଥିବାରୁ ଅନ୍ଧାରରେ ପରିବାର ଲୋକ ରହୁଛନ୍ତି। ତାଙ୍କର ୨ ସନ୍ତାନ ଥିବା ଜଣାପଡ଼ିଛି।

### ଠିକାଦାରଙ୍କୁ ସଂଘବଦ୍ଧ ଆକ୍ରମଣ

କେନ୍ଦୁଝର, ୨୨।୮ (ସ୍ୱ.ପ୍ର.): ସ୍ଥାନୀୟ କୃଷକ ବଜାର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ପିଏଚଡି ପାଇପ୍ ବିଛାଉଥିବା ଠିକାଦାରଙ୍କୁ ୪ ଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଠିକାଦାର ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଠିକାଦାରଙ୍କ ନାମ ଅଭିଷେକ ଜେନା। ପାଇପ ବିଛାକୁ ନେଇ ସ୍ଥାନୀୟ ଜଣେ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ଏ ନେଇ ଅନ୍ୟ ୩ ଜଣ ଯୁବକ ପହଞ୍ଚି ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ ବୋଲି ପୋଲିସ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ସଦର ଏସଡିପିଓ ଶ୍ରୀହର୍ଷ ମିଶ୍ର କହିଛନ୍ତି।

### ଟ୍ରେନ୍ ଲାଇନରୁ ମହିଳାଙ୍କ ମୃତଦେହ ଜବତ

କେନ୍ଦୁଝର, ୨୨।୮ (ସ୍ୱ.ପ୍ର.): ହରିଚନ୍ଦନପୁର ଥାନା ଶଗଡ଼ପଟା ରେଳଷ୍ଟେଶନ ନିକଟରୁ ପୋଲିସ ଜଣେ ମହିଳାଙ୍କ ମୃତଦେହ ବୁଧବାର ସକାଳୁ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ରେଳ ଲାଇନ ମଧ୍ୟରେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଟ୍ରେନ୍‌ରେ କଟି ମହିଳା ଜଣଙ୍କ ମରିଛନ୍ତି ନା' କେହି ମାରି ଫିଙ୍ଗି ଦେଇଛି ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲସ କହିଛି। ଗତ କିଛି ମାସ ମଧ୍ୟରେ ବାଂଶପାଣି-ଜଖପୁରା ରେଳ ଲାଇନରେ କଟି ପାଖାପାଖି ୭ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଉଦବେଗ ପ୍ରକାଶ ପାଉଛି।

### ଫେରାର ଅଭିଯୁକ୍ତ ଗିରଫ

ପାଟଣା, ୨୨।୮( ସ୍ୱ.ପ୍ର.): ପାଟଣା ଥାନା ଶଙ୍ଖୁଆ ପଞ୍ଚାୟତ ବୁଢ଼ା ବଣ ଗ୍ରାମର ଜଣେ ବୃଦ୍ଧଙ୍କୁ ସାହରପଡ଼ା ଫାଣ୍ଡି ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବୁଧୁରାମ ମହାନ୍ତ(୬୦)। ଫାଣ୍ଡି ଅଧିକାରୀ ଅଶୋକ କୁମାର ପହିଙ୍କ ସୂଚନା ମୁତାବକ, ବୁଧୁଙ୍କ ନାମରେ ୨୦୦୨ରୁ କୋର୍ଟରେ ଏକ ମାମଲା ବିଚାରାଧୀନ ଥିଲା। ସେ କୋର୍ଟରେ ହଜାର ହେଉ ନ ଥିଲେ।

# ମା' ଝିଅଙ୍କୁ ପୋଡ଼ି ହତ୍ୟା ଉଦ୍ୟମ

**ବ୍ରାହ୍ମଣୀ ଗାଁରେ ଚାଞ୍ଚଲ୍ୟ**
- ଶ୍ୱଶୁର ଘରଲୋକଙ୍କ ହାତ ଥିବା ଅଭିଯୋଗ
- ୩ ମୋଟରସାଇକେଲ ସହ ଅନ୍ୟ ସାମଗ୍ରୀ ପାଉଁଶ

କେନ୍ଦୁଝର, ୨୨।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଟାଉନ ଥାନା ବ୍ରାହ୍ମଣୀ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମରେ ରହୁଥିବା ମହିଳାଙ୍କ ସହ ତାଙ୍କ ୨ ଝିଅଙ୍କୁ ନିଆଁରେ ପୋଡ଼ି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ମା' ଓ ୨ ଝିଅ ଅଳ୍ପକେ ରକ୍ଷା ପାଇଯାଇଥିଲେ ହେଁ ନିଆଁରେ ଅନ୍ୟ ସାମଗ୍ରୀ ପାଉଁଶ ହୋଇଯାଇଛି। ଉକ୍ତ ଘଟଣାକୁ ନେଇ ଗାଁରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିରେ ଶାଶୁ ଘରଲୋକଙ୍କ ହାତ ଥିବା ମହିଳା ଜଣଙ୍କ ଥାନାରେ ଏତଲା ଦେଇଛନ୍ତି।

ଲୁନା ପାତ୍ର ନାମକ ଜଣେ ମହିଳା ୧୨ବର୍ଷ ତଳେ ଢେଙ୍କିକୋଟ ଲଙ୍ଗଳକଣ୍ଟି ଗ୍ରାମରେ ବିବାହ କରିଥିଲେ। ବାହାଘର ପରଠୁ ଶାଶୁ ଓ ସ୍ୱାମୀ ନିର୍ଯାତନା ଦେଇଆସୁଥିଲେ। ପିଲାମାନଙ୍କ ଭରଣପୋଷଣ କରୁ ନ ଥିଲେ। ବାଧ ହୋଇ ୨ ବର୍ଷ ତଳେ ମହିଳା ଜଣଙ୍କ ତାଙ୍କ ବାପ ଘରକୁ ଚାଲି ଆସିଥିଲେ। କୌଣସି ଉପାୟ ନ ପାଇ ଜାନୁୟାରୀରେ ସ୍ଥାନୀୟ କୋର୍ଟରେ ଭରଣପୋଷଣ ପାଇଁ କେସ୍ କରିଥିଲେ। କେସ୍ ପରେ ତାଙ୍କ ସ୍ୱାମୀ ସବୁବେଳେ ହତ୍ୟା ଧମକ ଦେଉଥିଲେ ବୋଲି ଲୁନା ଅଭିଯୋଗ କରିଛନ୍ତି। ନିଜ ମା'ଙ୍କ ପରଲୋକ ପରେ ୨ ପିଲାଙ୍କ ସହ ଲୁନା ଗମ୍ଭାରିଆ ଗ୍ରାମରେ ତାଙ୍କ ଭଉଣୀଙ୍କ ଘରେ ରହିଆସୁଥିଲେ। ମଙ୍ଗଳବାର ରାତିରେ ସେମାନେ ଘରେ ଶୋଇଥିବା ବେଳେ ବାହାର ପଟୁ କବାଟ ଲକ କରି କେହି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିଲେ। ନିଆଁରେ (ନଂ.ଓଡି-୦୯ଏଲ/ ୨୫୧୯) ସ୍କୁଟି ଓ(ନଂ.ଓଡି-୦୯ଡି/ ୪୩୯୫ ଓ ଓଡି-୦୯ଏଲ/ ୬୬୮୭) ବାଇକ୍ ପାଉଁଶ ହୋଇଯାଇଛି। ଏହାଛଡା ତିନୋଟି ସାଇକେଲ ଓ ଅନ୍ୟ ସାମଗ୍ରୀ ପୋଡି ନଷ୍ଟ ହୋଇଛି। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ପୋଡି ଯାଇଥିବା ଗାଡ଼ି।

# ହକ୍ ଦାବି କଲା ମୋଟର ଚାଳକ ସଂଘ

ଆନନ୍ଦପୁର,୨୨।୮(ସ୍ୱ.ପ୍ର.)

ଓଡ଼ିଶା ମୋଟର ଚାଳକ ସଂଘର ଆହ୍ୱାନକ୍ରମେ ଆନନ୍ଦପୁରଠାରେ ନୂତନ ଭାବେ ଏକ ମୋଟର ଚାଳକ ସଂଘ ଗଠନ କରାଯାଇଥିଲା। ରାଜ୍ୟ ସଂଘର ନେତୃବୃନ୍ଦଙ୍କ ସଂଯୋଜନାରେ ସ୍ଥାନୀୟ ମୋଟର ଚାଳକ ସଂଘର ସଦସ୍ୟମାନେ ଉତ୍ତରେଶ୍ୱର ମହାପ୍ରଭୁଙ୍କ ମନ୍ଦିର ପ୍ରାଙ୍ଗଣରୁ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିର ନିକଟ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ମୋବଇଲ୍ ସଙ୍ଗେ ଗାଡି ଚାଳନା, ଜୀବନ ଟା ଏକ ଭଙ୍ଗା ଖେଳନା, ଦେଶର ସୁରକ୍ଷା ସୈନିକ ହାତେ, ସଡ଼କ ସୁରକ୍ଷା ଚାଳକ ହାତେ, ସୁସ୍ଥ ରହିଲେ ଚାଳକ ଭାଇ, ପ୍ରଗତୀ ପଥେ ଦେଶ ବଢଇ ଆଦି ସ୍ଲୋଗାନ ଦିଆଯାଇ ସହର ପରିକ୍ରମା କରାଯାଇଥିଲା।

ମୋଟର ଚାଳକ ସଂଘ ପକ୍ଷରୁ ସରକାର ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ନିମନ୍ତେ ଦାବି ଉପସ୍ଥାପନା କରାଯିବା ସହ ଶ୍ରମ ବିଭାଗରେ ନାମ ପଞ୍ଜୀକୃତ, ଚାଳକ ହିସାବରେ ସ୍ୱତନ୍ତ୍ର ମାନ୍ୟତା ମଧ୍ୟ ଦାବି କରିଥିଲେ। ରାଜ୍ୟରେ ଚାଳକଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୭ ଗୋଟି ଜିଲାର ୧୧୧ଟି ସ୍ଥାନରେ ମୋଟର ଚାଳକ ସଂଘ ଗଠନ କରାଯାଇଥିବା ସୂଚନା ମିଳିଛି। ଚାଳକଙ୍କୁ ସଂଘ ପକ୍ଷରୁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସଂଘ କର୍ମକର୍ତ୍ତାଙ୍କ ଯୋଗାଯୋଗ ନଂ ସହିତ ଆକସ୍ମୀକ ଦୁର୍ଘଟଣା ନିମନ୍ତେ ଜରୁରିକାଳୀନ ସେବାର ନଂ ମଧ୍ୟ ଉଦ୍ଦିଷ୍ଟ ରହିଥିଲା। ବୁଧବାର ସରକାରୀ ସ୍ତରରେ ଛୁଟି ରହିଥିବାରୁ ଗୁରୁବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।




ମୋଟର ଚାଳକ ସଂଘର ସଚେତନତା ଶୋଭାଯାତ୍ରା।

# ଆକ୍ରମଣ କରି ଲକ୍ଷାଧିକ ଟଙ୍କା ଲୁଟ୍

- ତ୍ରିକୋଣୀୟ ପ୍ରେମ କାହାଣୀ ସନ୍ଦେହ
- ଆହତ ଯୁବକ ଜିଲା ମୁଖ୍ୟଡାକ୍ତରଖାନାରେ ଭର୍ତ୍ତି

କେନ୍ଦୁଝର, ୨୨।୮(ସ୍ୱ.ପ୍ର)

କେନ୍ଦୁଝର ଜିଲା ତେଲକୋଇ ଥାନା ଜଗମୋହନପୁରଠାରେ ବୁଧବାର ସକାଳେ ଜଣେ ବ୍ୟକ୍ତିଙ୍କୁ ଭୁଜାଲିରେ ଆକ୍ରମଣ କରି କେତେଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ସହ ୨ ମୋବାଇଲ ଲୁଟ କରିଥିବା ଅଭିଯୋଗ ହୋଇଛି। ଯୁବକ ଜଣଙ୍କ ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତଙ୍କ ଘର ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ପାଟଣା ବ୍ଲକ ଅଞ୍ଚଳରେ ଜଣେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଭାବେ କାମ କରନ୍ତି। ଜଗମୋହନପୁର ଗ୍ରାମରେ ଭଡ଼ା ଘରେ ରହୁଛନ୍ତି। ଆକ୍ରମଣ ପଛରେ ଏକ ତ୍ରିକୋଣୀୟ ପ୍ରେମ କାହାଣୀ ରହିଥିବା ଚର୍ଚ୍ଚା ହେଉଛି।

ବୁଧବାର ସକାଳେ ଯୁବକଙ୍କ ସହ ତାଙ୍କର ଜଣେ ସମ୍ପର୍କୀୟ ମହିଳା ଜଗମୋହନପୁର ବସଷ୍ଟାଣ୍ଡକୁ ଯାଉଥିବା ବେଳେ ୪ ଜଣ ଦୁର୍ବୃତ୍ତ ସେମାନଙ୍କୁ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଯୁବକଙ୍କୁ ଆକ୍ରମଣ କରି ହାତ ବାନ୍ଧି ଦେଇଥିଲେ। ପରେ ଯୁବକଙ୍କଠାରୁ ଟଙ୍କା ଓ ୨ଟା ମୋବାଇଲ ଲୁଟ କରି ଫେରାର ହୋଇଯାଇଥିଲେ ବୋଲି ତାଙ୍କ ସହ ଥିବା ଜନୈକା ମହିଳା ଗଣମାଧ୍ୟମ ଆଗରେ କହିଛନ୍ତି। ଭୁଜାଲି ମାଡ଼ରେ ଯୁବକଙ୍କ ମୁଣ୍ଡ, କାନ ଓ ହାତରେ କ୍ଷତ ହୋଇଥିଲା। ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ତାଳପଦା ଅଞ୍ଚଳର ବୋଲି ପୋଲିସ ଜାଣିବାକୁ ପାଇଛି। ଏ ନେଇ ତେଲକୋଇ ଥାନା ଅଧିକାରୀ ଦେବେନ୍ଦ୍ର ପିଙ୍ଗୁଆଙ୍କୁ ପଚାରିବାରୁ ଅଦ୍ୟାବଧି ଏତଲା ମିଳିନାହିଁ। ଏତଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତଦନ୍ତ ପରେ ଘଟଣାର ସତ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଉଛି।

# ହାତୀ ଆକ୍ରମଣରେ ମହିଳା ଗୁରୁତର

ତେଲକୋଇ, ୨୨।୮(ଡି.ଏନ.ଏ.)

ତେଲକୋଇ ବନାଞ୍ଚଳ ଅଧୀନ କରଦାଙ୍ଗୀ ପଞ୍ଚାୟତ ସରେଇ ଗ୍ରାମରେ ବୁଧବାର ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସେ ହେଲେ ଯୋଶଦା ଦେହୁରି (୩୫)। ସକାଳେ ମହିଳା ଜଣଙ୍କ ନିଜ ଜମିକୁ ଯାଉଥିବା ବେଳେ ହାତୀ ହାବୁଡରେ ପଡ଼ିଯାଇଥିଲେ। ହାତୀ ଶୁଣ୍ଢରେ ଟେକି ଫୋପାଡି ଦେବାରୁ ମହିଳା ଜଣଙ୍କ ଗୁରୁତର ହୋଇଥିଲେ। ବନବିଭାଗ ପକ୍ଷରୁ ଆହତ ମହିଳାଙ୍କୁ ଆର୍ଥିକ ସହାୟତା ଦିଆଯାଇଥିବା ଜଣାଯାଇଛି।

# ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ତେଲକୋଇ, ୨୨।୮(ଡି.ଏନ.ଏ.)

ତେଲକୋଇ ଥାନା କାଳିଆହତା ପଞ୍ଚାୟତ ଗଲଦା ଗ୍ରାମରେ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ସ୍ତ୍ରୀ କିଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ସ୍ୱାମୀ ମଧୁ ମହାନ୍ତ ତାଙ୍କ ସ୍ତ୍ରୀ ଦେବକୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଦେବକୀ ରାଗରେ ଘରେ ଥିବା କୀଟନାଶକ ଔଷଧ ଖାଇ ଦେଇଥିଲେ। ତାଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣାଯାଇଥିଲା। ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଦେବକୀଙ୍କ ୨ ମାସର ଏକ ଶିଶୁ ପୁତ୍ର ଅଛନ୍ତି। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର



ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଲାବଣ୍ୟବତୀ।

କେନ୍ଦୁଝର, ୨୨।୮(ସ୍ୱ.ପ୍ର)

ପାଟଣା ବନାଞ୍ଚଳରେ ବୁଧବାର ଭାଲୁ ଆତଙ୍କ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଉକ୍ତ ବନାଞ୍ଚଳ ଗୋପପୁର ଗ୍ରାମରେ ସକାଳେ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ନାମ ଲାବଣ୍ୟବତୀ ନାୟକ (୩୦)। ସକାଳେ ଗ୍ରାମ ନିକଟ ପାଖ ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ହଠାତ୍ ୨ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଉଭୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ପାଖରେ ଥିବା କେତେକ ଲୋକ ପାଟି କରିବାକୁ ଭାଲୁ ଦ୍ୱୟ ଜଙ୍ଗଲକୁ ପଳାଇ ଯାଇଥିଲେ।

# ବିଜ୍ଞାନମେଳାରେ ୩୦୨ ଛାତ୍ରୀଛାତ୍ର



ବିଜ୍ଞାନ ପ୍ରକଳ୍ପକୁ ଅତିଥିମାନେ ଦେଖୁଛନ୍ତି।

ବଡବିଲ, ୨୨।୮(ସ୍ୱ.ପ୍ର.)

ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ବିଜ୍ଞାନମେଳା ଓ ସମ୍ଭାଗସ୍ତରୀୟ ବିଜ୍ଞାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ, ବାଲ ଓ କିଶୋରର ତିନୋଟି ବର୍ଗରେ ଅନୁଷ୍ଠିତ ବିଜ୍ଞାନମେଳାରେ ମୋଟ ୩୦୨ ଛାତ୍ରୀଛାତ୍ର ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଯଥା ବିଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରୟୋଗ, ବୈଦିକ ଗଣିତ ପ୍ରଶ୍ନମଞ୍ଚ ଓ ସଂସ୍କୃତି ଜ୍ଞାନମଞ୍ଚରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ଶିକ୍ଷକ ମଦନ ମୋହନ ସାମଲଙ୍କ ତତ୍ତ୍ୱାବଧାନରେ ନିରୀକ୍ଷକ ଶ୍ରୀନିବାସ ପ୍ରଧାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପଗୁଡିକର ତଦାରଖ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ପ୍ରମୋଦ କୁମାର ସାହୁ, ସମ୍ମାନିତ ଅତିଥି କର୍ଣ୍ଣକୁମାର ମହାନ୍ତ ଓ ସଞ୍ଜୀତ କୁମାର ମହାନ୍ତ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ହିମାଂଶୁ ପାତ୍ରଙ୍କ ସଭାପତିତ୍ୱରେ ପ୍ରଧାନ ଶିକ୍ଷକ ଉମ୍ବରୁଧର ମହାନ୍ତ ଅତିଥି ପରିଚୟ ଦେଇଥିଲେ। ସମ୍ପାଦକ ରାଜକିଶୋର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ପ୍ରସ୍ତୁତି

ପାଟଣା,୨୨।୮(ସ୍ୱ.ପ୍ର.)

ପାଟଣାରେ ବ୍ଲକସ୍ତରୀୟ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଅଗଷ୍ଟ ୨୮ରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ନେଇ ଏକ ପ୍ରସ୍ତୁତି ବୈଠକ ସ୍ଥିର ହୋଇଛି। ରାଜ୍ୟ ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବ୍ଲକ ସଭାଗୃହଠାରେ ବ୍ଲକ ଗୋଷ୍ଠୀ ଅଧିକାରୀ କୁଶଳ ଚନ୍ଦ୍ର ନାଏକ ଓ ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକଙ୍କ ଉପସ୍ଥିତିରେ ଗତ ମଙ୍ଗଳବାର ସମସ୍ତ ଅଧିକାରୀଙ୍କୁ ନେଇ ପ୍ରସ୍ତୁତି ବୈଠକ ହୋଇଥିଲା।

ଆୟୋଜିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ନର୍ବାଚିତ ସରପଞ୍ଚ, ସମିତିସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ବ୍ଲକ ଅଧ୍ୟକ୍ଷଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଧାସଳଖ କଥା ହୋଇ ଉନ୍ନୟନମୂଳକ କାର୍ଯ୍ୟକ୍ରମର ପ୍ରସ୍ତାବ ଦେବା ନେଇ ସୂଚନା ମିଳିଛି। ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ଲାଗି ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ପାଟଣା ବିଧାୟକ, ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ ଉନ୍ନୟନ ସଂସ୍ଥାର କର୍ମକର୍ତ୍ତା ଯୋଗ ଦେବେ ବୋଲି ସୂଚନା ମିଳିଛି।

# ପାତ୍ର ତନ୍ତୀ କଲ୍ୟାଣ ସମିତିର ବୈଠକ

ଯୋଡ଼ା, ୨୨।୮(ଡି.ଏନ୍.ଏ.)

ଯୋଡ଼ା ଓ ଚମ୍ପୁଆ ପାତ୍ର ତନ୍ତୀ କଲ୍ୟାଣ ସମିତିର ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଏବଂ ସାଙ୍ଗଠନିକ ବୈଠକ ହୋଇଯାଇଛି। ସମିତିର ସଭାପତି ତଥା ପୂର୍ବତନ ଯୋଡ଼ା ନଗରପାଳ କରୁଣାକର ପାତ୍ରଙ୍କ ସଭାପତିତ୍ୱରେ ପାତ୍ର ତନ୍ତୀ କଲ୍ୟାଣ ସମିତି ଚମ୍ପୁଆ ତରଫରୁ ମାଗୁଣି ଚରଣ ପାତ୍ର, ସରୋଜ ପାତ୍ର, ମକରୁ ପାତ୍ର, ତ୍ରିବେଣୀ ପାତ୍ର, ଭୀମଶେନ ଦାସ ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇ ସମିତିର ଉନ୍ନତି ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଲାଗି ମତବ୍ୟକ୍ତ କରିଥିଲେ।

ଯୋଡ଼ା ପାତ୍ର ତନ୍ତୀ କଲ୍ୟାଣ ସମିତିର ସାଙ୍ଗଠନିକ ସମ୍ପାଦକ ସୁରେଶ ପାତ୍ର, କୋଷାଧ୍ୟକ୍ଷ ରାମଚନ୍ଦ୍ର ପାତ୍ର, ଉପସଭାପତି ଗୋକୁଳ ପାତ୍ର, ହରେକୃଷ୍ଣ ପାତ୍ର, ଈଶ୍ୱର ପାତ୍ର, ସଞ୍ଜୟ ପାତ୍ର, ରମେଶ ପାତ୍ର, ସହସମ୍ପାଦକ ମାୟାଧର ପାତ୍ର, ସୁରେନ୍ଦ୍ର ପାତ୍ର, ଉପଦେଷ୍ଟା ଅଚ୍ୟୁତାନନ୍ଦ ପାତ୍ର, ନରେଶ ପାତ୍ର, ମିତ୍ରଭାନୁ କେଶରୀ, ସଚ୍ଚିଦାନନ୍ଦ ପାତ୍ର, ଅଭିମନ୍ୟୁ ପାତ୍ର ପ୍ରମୁଖ ଅଂଶଗ୍ରହଣ କରି ସମିତିର କଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମିତିର ସାଧାରଣ ସମ୍ପାଦକ ବସନ୍ତ କୁମାର ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମିତିର ସମସ୍ତ କର୍ମକର୍ତ୍ତା ଏବଂ ଉପସ୍ଥିତ ସଭ୍ୟଙ୍କୁ ସମିତିର ଉନ୍ନତି କାର୍ଯ୍ୟରେ ସହଯୋଗ କରିବା ପାଇଁ ଆହ୍ୱାନ କରିଥିଲେ। ଶେଷରେ ମହିଳା ସମିତିର ସମ୍ପାଦିକା କଳ୍ପନା ଦାସ ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ସମିତିର କର୍ମକର୍ତ୍ତା।

# ଆଞ୍ଚଳିକ ପାକ୍ଷିକ ଖବରକାଗଜ 'ନୟନ' ଉନ୍ମୋଚିତ

ଯୋଡ଼ା,୨୨।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ରିକ୍ରେଶନ କ୍ଲବରେ ବୁଧବାର ଆଞ୍ଚଳିକ ପାକ୍ଷିକ ଖବରକାଗଜ 'ନୟନ'ର ଉନ୍ମୋଚନ ହୋଇଯାଇଛି। ଉନ୍ମୋଚନ ସଭାରେ ମୁଖ୍ୟଅତିଥି ଭାବେ ବଡବିଲ ପୌରାଧ୍ୟକ୍ଷ ଦିଲୀପ ମିଶ୍ରା, ସମ୍ମାନିତ ଅତିଥି ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ, ମୁଖ୍ୟବକ୍ତା ପ୍ରଫେସର ଡ. ମାଧବ ଚନ୍ଦ୍ର ମିଶ୍ର, 'ନୟନ'ର ସମ୍ପାଦକ ଶିରିଶ ଚନ୍ଦ୍ର ମହାନ୍ତି, ଖବରଦାତା ବେଣୁଧର ବେହେରା ମଞ୍ଚାସୀନ ଥିଲେ।

ଇଂଲିଶ ଖବରକାଗଜ ଦି ଇଣ୍ଡଷ୍ଟ୍ରି ଏଣ୍ଡ ମାଇନ୍ସ ଅବଜର୍ଭରର ପାକ୍ଷିକ ଖବରକାଗଜ 'ନୟନ' ଏକ ଅନୁରୂପକ (ସପ୍ଲିମେଣ୍ଟ) ଖବରକାଗଜ ଭାବେ ଉନ୍ମୋଚନ କରାଯାଇଛି। ଯୋଡ଼ାର ରୋଟାରୀ କ୍ଲବ, ଯୋଡ଼ା ବିକାଶ ପରିଷଦର କର୍ମକର୍ତ୍ତା, ସ୍କୁଲ ଛାତ୍ରୀଛାତ୍ର, ବିଭିନ୍ନ ମହିଳା ସମିତର ସଦସ୍ୟ, ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା, ବହୁ ବୁଦ୍ଧିଜୀବୀଙ୍କ ସମେତ ବିଭିନ୍ନ ଖବରକାଗଜର ଖବରଦାତା ଉପସ୍ଥିତ ଥିଲେ। 'ନୟନ' ଆଞ୍ଚଳିକ ଖବରକୁ ଅଧିକ ପ୍ରାଧାନ୍ୟ ଦେବ ବୋଲି ସମ୍ପାଦକ ଶିରିଶ ଚନ୍ଦ୍ର ମହାନ୍ତି କହିଥିଲେ। ଏହି ପରିପ୍ରେକ୍ଷୀରେ ଖବରଦାତା ପ୍ରକାଶ ମହାନ୍ତିଙ୍କୁ ୫ ହଜାର ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା।

# ଖତ ଖାଉଛି 'ବାଇକ୍ ଆମ୍ବୁଲାନ୍ସ'

କେନ୍ଦୁଝର, ୨୨।୮(ସ୍ୱ.ପ୍ର.)

ସ୍ୱାଧୀନତାର ୭୨ ବର୍ଷ ପରେ ବି ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁ ନ ଥିବାରୁ ରୋଗୀଙ୍କୁ ଖଟ, ଝୁଡି, ଭାର କରି ଡାକ୍ତରଖାନା ନିଆଯାଉଛି। ଅପହଞ୍ଚ ଇଲାକାରେ ରୋଗୀଙ୍କୁ ଡାକ୍ତରଖାନା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ଆସିଥିବା ବାଇକ୍ ଆମ୍ବୁଲାନ୍ସ ସ୍ଥାନୀୟ କେସିସିବି ବ୍ୟାଙ୍କ ପରିସରରେ ପଡ଼ି ଖତ ଖାଉଛି। ଦୁର୍ଗମ ଅଞ୍ଚଳରେ ଆମ୍ବୁଲାନ୍ସ ସେବା ପହଞ୍ଚି ପାରୁ ନ ଥିବାରୁ ବହୁ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ସୂଚନା ଦେଲେ ମଧ ଆମ୍ବୁଲାନ୍ସ ପହଞ୍ଚି ପାରେ ନାହିଁ। ଏଥିପାଇଁ ଅନେକ ଗ୍ରାମକୁ ଷ୍ଟ୍ରେଚର ଯୋଗାଇ ଦିଆଯାଇଛି। ଏହା ସତ୍ତ୍ୱେ ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ଝୁଡି, ଚେୟାର, ଖଟରେ ଭାର କରି ବୁହା ହେଉଛି।

ଏଭଳି କ୍ଷେତ୍ରରେ ସବୁ ଷ୍ଟ୍ରେଚର କ'ଣ କାମ କରୁଛି ତାହାକୁ କେହି ତର୍ଜମା କରୁନାହାନ୍ତି। ଆମ୍ବୁଲାନ୍ସ ପହଞ୍ଚି ପାରୁ ନ ଥିବା ଅଞ୍ଚଳରେ ରୋଗୀଙ୍କୁ ନେବାଆଣିବା ପାଇଁ ବାଇକ ଆମ୍ବୁଲାନ୍ସ ସେବା ଉପଯୁକ୍ତ ହୋଇଥାଏ। ଏଥିପାଇଁ କେନ୍ଦୁଝରକୁ କେତେ ବାଇକ୍ ଆମ୍ବୁଲାନ୍ସ ଅଣାଯାଇଥିଲା। ସେଥିରୁ କେତେକ ବିଭିନ୍ନ ସିଏସସିକୁ ପଠାଯାଇଛି। ଅନ୍ୟଗୁଡ଼ାକ କାମରେ ଲାଗୁ ନ ଥିବା ବେଳେ ଜିଲା ମୁଖ୍ୟାଳୟରେ ଏଭଳି ଏକ ବାଇକ୍ ଆମ୍ବୁଲାନ୍ସ ପଡି ରହି ଖତ ଖାଉଛି।




କେସିସିବି ବ୍ୟାଙ୍କ ପରିସରରେ ପଡିରହିଛି ବାଇକ୍ ଆମ୍ବୁଲାନ୍ସ।